# ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

Ph. No.- 06658-222247 e-mail:- nac_ptg@yahoo.co.in

web-site- www.nacpatnagarh.in


ସଂଖ୍ୟା: ୨୪୨୨ / ତା: ୧୮.୦୭.୨୦୨୩

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ ର ସମସ୍ତ ୧୫ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଂଗଠନ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ **ତା ୨୬.୦୭.୨୦୨୩ ରିଖ ଅପରାହ୍ନ ୩.୦୦ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ୱାରା ଆବେଦନ କରିପାରିବେ ।** ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା **ତା ୨୬.୦୭.୨୦୨୩ରିଖ ଅପରାହ୍ନ ୪ .୦୦ ଘଟିକା** ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କର୍ଯାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ପାଟଣାଗଡ଼ ଜିଲ୍ଲା ୱେବସାଇଟ www.balangir.nic.in ଏବଂ http://www.nacpatnagarh.in ରୁ ମଧ୍ୟ ଡାଉନଲୋଡ କରିପାରିବେ। **ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରିକରଣ -୨୦୨୩" ଲେଖାଥିବା ଆବଶ୍ୟକ ।** ଅଧିକ ଜାଣିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ୟାଳୟ, ପାଟଣାଗଡ଼ ସହ ଯୋଗାଯୋଗ କରି ପାରନ୍ତି।

<u>ବିଶେଷ ଦ୍ରଷ୍ଟବ୍ୟ</u>

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା କୌଣସି କାର୍ଯ୍ୟ କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପରମାନନେଣ୍ଟ କାର୍ଯ୍ୟ ଯଥା -(ଆହାର, FSTP , MCC, MRF, ଚୁଡା ଛତୁଆ ଇତ୍ୟାଦିରେ ) ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

**ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

ନିର୍ବାହୀ ଅଧିକାରୀ
**ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼**

ପରିପତ୍ର ସଂଖ୍ୟା : ୨୫୭୩ /ତାରିଖ : ୧୮.୦୭-୨୦୨୩

ଏହାର ଏକକିତା ନକଲ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା/ଶିଶୁ ବିକାଶ ଯୋଜନା ଅଧିକାରୀ , ପାଟଣାଗଡ଼ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲା ।

ନିର୍ବାହୀ ଅଧିକାରୀ
**ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼**

ପରିପତ୍ର ସଂଖ୍ୟା : ୨୫୭୪ /ତାରିଖ : ୧୮.୦୭.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ବଲାଙ୍ଗୀର/ପ୍ରକଳ୍ପ ନିର୍ଦ୍ଦେଶିକା , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବଲାଙ୍ଗୀର/ ଜିଲ୍ଲାପାଳ ବଲାଙ୍ଗୀର/ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା, ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ବର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
**ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼**

# ମୁକ୍ତା ଯୋଜନାରେ ଆର୍ଥିକ ବର୍ଷ :୨୦୨୩-୨୪ ନିର୍ମାଣ କାର୍ଯ୍ୟ ନିମନ୍ତେ ଆବେଦନ ପତ୍ର

୦୧. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନର ନାମ: ____________________

ୱାର୍ଡ ନଂ: ____________ଜିଲ୍ଲା: ____________ପିନ୍: ____________

୦୨. ଗଠନ ବର୍ଷ: ____________________

୦୩. UWEI/MUKTA ଯୋଜନାରେ କରିଥିବା ଯେକୌଣସି କାର୍ଯ୍ୟ ____________________

୦୪. ବର୍ତ୍ତମାନର କାର୍ଯ୍ୟକଳାପ/MUKTA: ____________________

୦୫. ବ୍ୟାଙ୍କ ଆକାଉଣ୍ଟ୍ ସଞ୍ଚୟ ନମ୍ବର: ____________________

୦୬. ବ୍ୟାଙ୍କ ଏବଂ ଶାଖା ନାମ: ____________________

୦୭. ବ୍ୟାଙ୍କ ଆଇଏଫଏସସି (IFS) କୋଡ୍____________________

୦୮. ସେଭିଙ୍ଗ୍ ବ୍ୟାଙ୍କ ଆକାଉଣ୍ଟରେ ଉପଲବ୍ଧ ପାଣ୍ଠି: ଟଙ୍କାରେ ____________________

## ନିମ୍ନଲିଖିତ କାର୍ଯ୍ୟକଳାପଗୁଡିକ କରୁଛନ୍ତି କି ନାହିଁ:

- ନିୟମିତ ସଞ୍ଚୟ (ହଁ / ନା)-
- ସଞ୍ଚୟର ପରିମାଣ ( ଟଙ୍କାରେ)-
- ଲୋନ ନିଆଯାଇଛି କି ନାହିଁ (ହଁ / ନା)-
- ମୋଟ ଲୋନର ପରିମାଣ (ଟଙ୍କାରେ) -
- ସମୁଦାୟ ଲୋନ ପରିଶୋଧର ପରିମାଣ (ଟଙ୍କାରେ)-
- ଲୋନ ପରିଶୋଧର ଧାରା (ନିୟମିତ / ଅନିୟମିତ)-
- ମିଟିଂ ରେଜିଷ୍ଟର ପରିଚାଳନା (ହଁ /ନା)-
- ନଗଦ ବୁକ୍ ରକ୍ଷଣାବେକ୍ଷଣ (ହଁ /ନା)-

୯. ସଭାପତି ଙ୍କ ନାମ ଓ ଯୋଗାଯୋଗ ନଂ- ____________________

୧୦. ସମ୍ପାଦିକା ଙ୍କ ନାମ ଓ ଯୋଗାଯୋଗ ନଂ- ____________________

ସଭାପତି /ସମ୍ପାଦିକାଙ୍କ ସ୍ୱାକ୍ଷର

ମିଶନଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ

## ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ମିଶନ ଶକ୍ତି ଗୋଷ୍ଠୀ ଗଠନ ରେଜୋଲୁସନ ର ଫଟୋକପି ।
- ମୁକ୍ତା କାର୍ଯ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ୍ ହୋଇଥିବା ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀର ଶେଷ ମିଟିଂ ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷ ପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର କ୍ୟାଶ୍ ବୁକର ଫଟୋକପି ।